# NATIONAL NEWS BULLETIN (ODIA)
## 27th November - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ.....   ସମ୍ବାଦ ପଢ଼ୁଛନ୍ତି.....   **ଜିତେନ୍ଦ୍ର କୁମାର ନାୟକ**

## ମୁଖ୍ୟ ସମ୍ବାଦ

- ଚାରିଦିନିଆ ତାମିଲନାଡ଼ୁ ଗସ୍ତରେ ଯାଇ କୋଏମ୍ବାଟୁରଠାରେ ପହଞ୍ଚିଲେ ରାଷ୍ଟ୍ରପତି ।

— ଉଟିସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜର ଅଧ୍ୟାପକ ଓ ଶିକ୍ଷାର୍ଥୀଙ୍କୁ ଆସନ୍ତାକାଲି କରିବେ ସମ୍ବୋଧନ ।

- ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପାର୍ଲାମେଣ୍ଟର ଉଭୟ ସଦନ ଆଜି ଦିନକପାଇଁ ମୁଲତବୀ ।

- ଦେଶର ଉପକୂଳବର୍ତ୍ତୀ ଖଣି ଅଞ୍ଚଳଗୁଡ଼ିକର ପ୍ରଥମ ପର୍ଯ୍ୟାୟ ନିଲାମ ଆସନ୍ତାକାଲି ।

ଏବଂ

- ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାରେ ଜାତିସଂଘର ହସ୍ତକ୍ଷେପ ଲୋଡ଼ିଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ।

## ପ୍ରେଜ୍ - ତାମିଲ୍‌ନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଚାରିଦିନିଆ ତାମିଲନାଡୁ ଗସ୍ତରେ ଯାଇ କୋଏମ୍ବାଟୁରଠାରେ ପହଞ୍ଚିଛନ୍ତି । ୱେଲିଂଟନ୍ ଉଟିସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ୍‌ର ଅଧ୍ୟାପକ ଏବଂ ଶିକ୍ଷାର୍ଥୀଙ୍କୁ ଆସନ୍ତାକାଲି ସେ ସମ୍ବୋଧନ କରିବେ । ଖରାପ ପାଗ ଯୋଗୁଁ ରାଷ୍ଟ୍ରପତି ସଡ଼କପଥରେ ଉଟି ଅଭିମୁଖେ ଯାତ୍ରା କରିଛନ୍ତି । ନୀଳଗିରି ଜିଲ୍ଲାର ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରପତି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋଏମ୍ବାଟୁର ଏବଂ ଉଟି ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ପି.ଏମ୍. - ବିକଶିତ ଭାରତ କୁଇଜ୍

ଐତିହାସିକ ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦି ଆହ୍ୱାନ ଦେଇଛନ୍ତି । ବିକଶିତ ଭାରତ ଚ୍ୟାଲେଞ୍ଜ୍ ହେଉଛି ଚାରି ପର୍ଯ୍ୟାୟବିଶିଷ୍ଟ ପ୍ରତିଯୋଗିତା, ଯେଉଁଥିରେ ଯୁବବର୍ଗ ସେମାନଙ୍କ ଚିନ୍ତା ଓ ଭାବନାକୁ ବ୍ୟକ୍ତ କରିପାରିବେ । ନଭେମ୍ବର ୨୫ରୁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ଡିଜିଟାଲ୍ କୁଇଜ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏଥିରେ ୧୫ରୁ ୨୯ ବର୍ଷ ବୟସ ବର୍ଗର ସମସ୍ତେ ଭାଗ ନେଇପାରିବେ । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଯୁବବର୍ଗଙ୍କ ଯୋଗଦାନ ହେବ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

## ପାର୍ଲାମେଣ୍ଟ ଆଡ୍‌ଜର୍ଣ୍ଣଡ୍

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଲୋକସଭା ଅଧିବେଶନ ଆରମ୍ଭ ହେବାକ୍ଷଣି ବିରୋଧୀ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି ଏବଂ ଅନ୍ୟ ଦଳର ସଦସ୍ୟ ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ଏବଂ ଅନ୍ୟ କେତେକ ପ୍ରସଙ୍ଗ ନେଇ ଗୃହର ମଧ୍ୟଭାଗରେ ସ୍ଲୋଗାନ ଦେଇଥିଲେ । ବାଚସ୍ପତି ଓମ୍ ବିର୍ଲା ଗୃହର ଶୃଙ୍ଖଳା ଓ ମର୍ଯ୍ୟାଦା ବଜାୟ ରଖିବାକୁ ସଦସ୍ୟମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ । ପ୍ରଶ୍ନକାଳ ପରେ ଉତ୍‌ଥାପିତ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ବାଚସ୍ପତି

ପ୍ରତିଶ୍ରୁତି ଦେଇଥିଲେ । ତେବେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟଙ୍କର ହଟ୍ଟଗୋଳ ପୂର୍ବପରି ଜାରି ରହିଥିଲା । ସ୍ଥିତିକୁ ଦୃଷ୍ଟିରେ ରଖି ଲୋକସଭାକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି ।

ସେହିଭଳି ରାଜ୍ୟସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଉତ୍ତରପ୍ରଦେଶ ସମ୍ଭଲ ଜିଲ୍ଲା ହିଂସାକାଣ୍ଡ, ମଣିପୁର ହିଂସା ଏବଂ ଏକ ବ୍ୟାବସାୟିକ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମୁଲତବୀ ନୋଟିସ୍ ଆଗତ କରାଯାଇଥିଲା । ଅଧ୍ୟକ୍ଷ ଜଗଦୀପ ଧନଖଡ ଧାରା ୨୬୭ ଆଧାରରେ ଏହି ନୋଟିସକୁ ଅଗ୍ରାହ୍ୟ କରିଦେଇଥିଲେ । ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ପାଳନ ସଂକ୍ରାନ୍ତ ପରମ୍ପରାକୁ ଅନୁସରଣ କରିବାକୁ ଶ୍ରୀ ଧନଖଡ ବାରମ୍ବାର ଅନୁରୋଧ କରିଥିଲେ । ଗତ ୩୦ ବର୍ଷ ମଧ୍ୟରେ ୨୬୭ ଧାରାକୁ ଥରେ ମାତ୍ର ଲାଗୁ କରାଯାଇଛି ବୋଲି ସେ ସଦସ୍ୟମାନଙ୍କୁ ଜଣାଇଥିଲେ । ବିତର୍କ ଓ ଆଲୋଚନା ମାଧ୍ୟମରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ଅଧ୍ୟକ୍ଷ ବିରୋଧୀ ସଦସ୍ୟଙ୍କୁ ନିବେଦନ କରିଥିଲେ । କିନ୍ତୁ ହଟ୍ଟଗୋଳ ଯୋଗୁଁ ଗୃହକୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ପରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟଙ୍କ ପକ୍ଷରୁ ହଟ୍ଟଗୋଳ ପୂର୍ବଭଳି ଜାରି ରହିଥିଲା । ଫଳରେ

ଶ୍ରୀ ଧନଖଡ ପରିସ୍ଥିତିକୁ ଦୃଷ୍ଟିରେ ଆଜି ଦିନକପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

## ବି.ଜେ.ପି. - ଇ.ଭି.ଏମ୍. ଆଲିଗେସନ୍ସ

ଇଲୋକ୍ଟ୍ରୋନିକ୍ ଭୋଟିଂ ମେସିନ୍ - ଇ.ଭି.ଏମ୍. ସଂକ୍ରାନ୍ତରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେଙ୍କ ମନ୍ତବ୍ୟକୁ ବି.ଜେ.ପି. ମୁଖପାତ୍ର ସମ୍ବିତ୍ ପାତ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଯେତେବେଳେ କଂଗ୍ରେସ ନିର୍ବାଚନରେ ହାରୁଛି, ସେତେବେଳେ ଇ.ଭି.ଏମ୍. ଉପରେ ପ୍ରଶ୍ନ ଉଠାଉଛି । ବର୍ତ୍ତମାନ କଂଗ୍ରେସ ପ୍ରାୟ ସବୁ ରାଜ୍ୟରେ ତା'ର ସ୍ଥିତି ହରାଇ ବସିଛି । ଏପରିକି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବି.ଜେ.ପି.ଠାରୁ କଂଗ୍ରେସ କମ୍ ଆସନରେ ବିଜୟୀ ହୋଇଛି । ଶ୍ରୀ ପାତ୍ର କହିଛନ୍ତି, ମହାରାଷ୍ଟ୍ର ନିର୍ବାଚନରେ ବି.ଜେ.ପି. ନେତୃତ୍ୱାଧୀନ ମହାୟୁତି ବିପୁଳ ବିଜୟ ହାସଲ କରିଥିବାବେଳେ କଂଗ୍ରେସ ପ୍ରାୟତଃ ମୂଳପୋଛ ହୋଇଯାଇଛି । ଇ.ଭି.ଏମ୍. ଯୋଗୁଁ ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ଗରିବ ଲୋକମାନଙ୍କର ଭୋଟ୍ ନଷ୍ଟ ହୋଇଯାଇଛି ବୋଲି ଶ୍ରୀ ଖଡ଼୍ଗେ ଦେଇଥିବା ମନ୍ତବ୍ୟ ଏହି ବର୍ଗଙ୍କୁ ଅପମାନିତ କରିଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ଜୟଶଙ୍କର - ଜି.୭

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନୂତନ ସମନ୍ୱୟ ଏବଂ ଭାଗିଦାରୀ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି । ଇଟାଲୀର ଫିୟୁଗିଠାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗୀଙ୍କ ସହ ଜି-୭ ବୈଦେଶିକ ମନ୍ତ୍ରୀଙ୍କ ଆଉଟ୍‌ରିଚ୍ ବୈଠକରେ ଯୋଗଦେଇ ଡକ୍ଟର ଜୟଶଙ୍କର ସେହି ଅଞ୍ଚଳରେ ୬ଟି ପ୍ରମୁଖ କ୍ଷେତ୍ର ଉପରେ ସହଯୋଗ ନେଇ ଆଲୋଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରେ ସାମୁଦ୍ରିକ ସହଯୋଗ, ସେମିକଣ୍ଡକ୍ଟର, ଯୋଗାଣ ଶୃଙ୍ଖଳ, ଅସ୍ଥାୟୀ ଋଣକୁ ଏଡାଇବା ନେଇ ସମ୍ବଳ ଉପଯୋଗ, ବିକାଶ ଲାଗି ପ୍ରଶାସନ, ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ । ଆନ୍ତର୍ଜାତିକ ଆଇନ୍‌କୁ ସମ୍ମାନ ଜଣାଇ ଏସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ମାଇନ୍‌ସ ଅକ୍‌ସନ୍

ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଥିବା ଖଣି ଅଞ୍ଚଳଗୁଡ଼ିକର ପ୍ରଥମ ପର୍ଯ୍ୟାୟ ନିଲାମ ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିରେ ଆରବସାଗର ଏବଂ ଆଣ୍ଡାମାନ ସାଗର ଉପକୂଳ ଅଞ୍ଚଳରେ ଥିବା ୧୩ଟି ଖଣି ଅଞ୍ଚଳକୁ ସାମିଲ

କରାଯାଇଛି । ସେଠାରୁ ମିଳୁଥିବା ଖଣିଜ ପଦାର୍ଥ ମୌଳିକଢାଞ୍ଚାର ବିକାଶ, ସବୁଜ ଶକ୍ତି ରୂପାନ୍ତରଣ ଏବଂ ଅତ୍ୟାଧୁନିକ ନିର୍ମାଣ କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ଖଣି ମନ୍ତ୍ରଣାଳୟ କହିଛି, ସମୁଦ୍ର ଗର୍ଭରେ ଥିବା ଖଣିଜସମ୍ପଦର ଅନୁସନ୍ଧାନ ଏବଂ ଏହାର ଉତ୍ତୋଳନ ଦିଗରେ ଏହି ପଦକ୍ଷେପ ଉଲ୍ଲେଖନୀୟ । ଉପକୂଳ ଅଞ୍ଚଳ ମଧ୍ୟରେ ଜଳସୀମା, ମହାଦେଶୀୟ ଅଞ୍ଚଳ, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । ୨୦ ଲକ୍ଷ ବର୍ଗ କିଲୋମିଟରୁ ଅଧିକ ଅଞ୍ଚଳ ବିଶିଷ୍ଟ ଦେଶର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ରେ ଯଥେଷ୍ଟ ଖଣିଜ ସମ୍ପଦ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

## ପାର୍ଲା-ବାଂଲାଦେଶ ଆଟାକ୍

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ଜାତିସଂଘର ହସ୍ତକ୍ଷେପ ଲୋଡ଼ିଛନ୍ତି । ପାର୍ଲାମେଣ୍ଟ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ବାଂଲାଦେଶର ଅନ୍ତରୀଣ ସରକାର କଠୋର ମୌଳବାଦୀଙ୍କ କବଳରେ ରହିଛି । ସେ କହିଛନ୍ତି, ଏହା ମାନବଜାତି ବିରୋଧରେ ଆକ୍ରମଣ । ଏହି ଘଟଣାରେ

କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ନିରବ ରହିବାକୁ ନେଇ ଶ୍ରୀ ସିଂହ ପ୍ରଶ୍ନ ଉଠାଇଛନ୍ତି ।

ସେହିପରି ଜନସେନା ପାର୍ଟି ମୁଖ୍ୟ ତଥା ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣ କହିଛନ୍ତି, ବାଂଲାଦେଶରେ ଯାହା ଘଟୁଛି, ତାହ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ସେ ପୁଣି କହିଛନ୍ତି, ପାଲେଷ୍ଟାଇନ୍‌ରେ ଯାହାକିଛି ଘଟୁଛି, ସେନେଇ ସମସ୍ତେ ବିବ୍ରତ ହୋଇପଡୁଥିଲାବେଳେ ବାଂଲାଦେଶ ଘଟଣାରେ କେହି ମତ ରଖୁ ନାହାନ୍ତି । ତୃଣମୂଳ କଂଗ୍ରେସର ବରିଷ୍ଠ ସାଂସଦ ସୌଗତ ରାୟ ବାଂଲାଦେଶରେ ଏବେ ଯାହା ଘଟୁଛି, ତାହା ପଶ୍ଚିମବଙ୍ଗଙ୍କୁ ପ୍ରଭାବିତ କରୁଛି ବୋଲି କହିଛନ୍ତି । ଇସ୍କନ୍ ପୂଜକଙ୍କୁ ଗିରଫ କରିବା ଅଯୁକ୍ତିକର । ତେଣୁ ଏହି ଘଟଣାରେ ଭାରତ କୂଟନୈତିକ ସ୍ତରରେ ହସ୍ତକ୍ଷେପ କରିବା ଉପରେ ଶ୍ରୀ ରାୟ ଗୁରୁତ୍ୱ ଦେଇଛନ୍ତି ।

## ଡିଫେନ୍ସ ପାର୍ଟନର୍‌ସିପ୍ ଡେଜ୍

ସଶସ୍ତ୍ର ସେନା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ଆଣିବା ଲାଗି ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ 'ପ୍ରତିରକ୍ଷା ସହଭାଗିତା ଦିବସ' ଆୟୋଜନ କରାଯାଉଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଏହି ଦୁଇଦିନିଆ କାର୍ଯ୍ୟକ୍ରମ ସରକାର ଓ ବ୍ୟାବସାୟିକ ଅଂଶୀଦାରଙ୍କ ମଧ୍ୟରେ ଏକ ସେତୁ ଭଳି

କାର୍ଯ୍ୟ କରିବ । ଏହି ଅବସରରେ ବ୍ୟବସାୟୀ ଓ ସରକାର ଏବଂ ବ୍ୟବସାୟୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଅନେକ ବୈଠକ ହେବାର କାର୍ଯ୍ୟସୂଚୀ ସ୍ଥିର କରାଯାଇଛି । ମନ୍ତ୍ରଣାଳୟ କହିଛି, ଏହି ରଣନୀତିକ ଭାଗିଦାରିତାରେ ଦୁଇ ଶହ ଉଦ୍ୟୋଗୀ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସଶସ୍ତ୍ର ସେନାରୁ ୧୦୦ ଜଣ ଅଧିକାରୀ ଅଂଶଗ୍ରହଣ କରିବେ ।

## ଓ.ଟି.ଟି.

ସାମାଜିକ ଗଣମାଧ୍ୟମରେ ଅରୁଚିକର ବିଷୟବସ୍ତୁକୁ ରୋକିବା ପାଇଁ ପ୍ରଚଳିତ ଆଇନକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଲୋକସଭାରେ ଏ ସଂକ୍ରାନ୍ତ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଯାଞ୍ଚ ଅଭାବରୁ ସାମାଜିକ ଗଣମାଧ୍ୟମରେ ବହୁ ରୁଚିହୀନ ବିଷୟବସ୍ତୁ ପ୍ରଦର୍ଶିତ ହେଉଛି । ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ୍ ଅଧୀନରେ ସରକାର ଆଇ.ଟି. ନିୟମ ୨୦୨୧ ନେଇ ବିଜ୍ଞପ୍ତି ଜାରି କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ଓ.ଟି.ଟି. ପ୍ଲାଟଫର୍ମରେ ଆଇନ୍ ଅନୁଯାୟୀ ବିଷୟବସ୍ତୁ ପ୍ରସାରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଶ୍ରୀ ବୈଷ୍ଣବ କହିଛନ୍ତି ଗତ ମାର୍ଚ୍ଚ ମାସରେ

ଆଇନ୍ ଅନୁଯାୟୀ ଅରୁଚିକର ବିଷୟବସ୍ତୁ ସମ୍ପର୍କିତ ୧୮ଟି ଓ.ଟି.ଟି. ପ୍ଲାଟଫର୍ମକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷେଧ କରାଯାଇଛି ।

## ଜେ.କେ. - ଏନ୍.ଏସ୍.ଜି.

କୌଣସି ବଡ଼ ଧରଣର ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜମ୍ମୁ ସହରରେ ଜାତୀୟ ନିରାପତ୍ତା ବାହିନୀ - ଏନ୍.ଏସ୍.ଜି.ର ଏକ ସ୍ଥାୟୀ କେନ୍ଦ୍ର ସ୍ଥାପନ କରାଯାଇଛି । ଆମ ଜମ୍ମୁ ସମ୍ବାଦଦାତା କହିଛନ୍ତି, ଆତଙ୍କବାଦୀ ଘଟଣା ଦେଖାଦେଲେ ତତ୍‌କ୍ଷଣାତ୍ ଏନ୍.ଏସ୍.ଜି. ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ । ଜମ୍ମୁ ଅଞ୍ଚଳର ବିଭିନ୍ନ ଜିଲ୍ଲାରେ ବାରମ୍ବାର ଆତଙ୍କବାଦୀ କାର୍ଯ୍ୟକଳାପ ଦେଖାଦେଉଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲାଗି ଜମ୍ମୁସ୍ଥିତ ବୃହତ୍ କୋଠା, ନିରାପତ୍ତା କାର୍ଯ୍ୟାଳୟ ଏବଂ ସାଧାରଣ ସ୍ଥାନଗୁଡ଼ିକରେ ଏନ୍.ଏସ୍.ଜି. କମାଣ୍ଡୋମାନଙ୍କୁ ମୁତୟନ କରାଯାଉଛି ।

# ପୁଡୁଚେରୀ - ଏନ୍.ଡି.ଆର୍.ଏଫ୍.

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଯୋଗୁଁ ପୁଡୁଚେରୀ ଓ କରାଇକାଲ୍ ମଧ୍ୟରେ ବର୍ଷା ଲାଗି ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କ ଅଧ୍ୟକ୍ଷତାରେ ସବୁ ବିଭାଗର ମୁଖ୍ୟଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଲଘୁଚାପ ପରାଙ୍ଗିପେଟ୍ଟାଇ ଓ ଚେନ୍ନାଇ ମଧ୍ୟରେ ଅତିକ୍ରମ କରିବାକୁ ଥିବାରୁ ପୁଡୁଚେରୀ ଓ କରାଇକାଲ୍‌ରେ ପ୍ରବଳ ବର୍ଷା ହେଉଛି । ସମ୍ଭାବ୍ୟ ବନ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ଲାଗି ଜରୁରୀକାଳୀନ ପଦକ୍ଷେପ ନିଆଯାଉଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସହାୟତା କରିବା ସକାଶେ ଏନ୍.ଡି.ଆର୍.ଏଫ୍.ର ଦୁଇଟି ଟିମ୍‌କୁ ମୁତୟନ କରାଯାଇଛି । ପ୍ରଭାବିତ ଲୋକମାନଙ୍କୁ ସହାୟତା କରିବା ଲାଗି ରିଲିଫ୍ କ୍ୟାମ୍ପ୍ ଅନବରତ ଖୋଲା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ରଙ୍ଗାସ୍ୱାମୀ କହିଛନ୍ତି ।

*****